The Odisha Gazette

EXTRAORDINARY
PUBLISHED BY AUTHORITY

No.1969, CUTTACK, FRIDAY, OCTOBER 25, 2024 / KARTIKA 3, 1946

[No.11387-TRN-AV-GEN-0051/2024]

COMMERCE & TRANSPORT (TRANSPORT) DEPARTMENT

RESOLUTION

The 24th October, 2024

Subject: Policy for New Destinations for enhancing the air connectivity to Odisha.

The Government of Odisha has approved the New Destination Policy to stimulate and facilitate the establishment of air services to new destinations from Airports in Odisha by providing Viability Gap Funding (VGF) / incentives to kick-start the operations.

1. OBJECTIVE :

The new Policy designed to significantly enhance air connectivity across the State. This initiative offers substantial financial incentives to airlines, encouraging the launch of new domestic and international air routes serving Biju Patnaik International Airport (Bhubaneswar), Veer Surendra Sai Airport (Jharsuguda), and smaller Airports in Jeypore, Rourkela, and Utkela.

2. BACKGROUND:

The Department of Commerce and Transport, Government of Odisha, recognizes the importance of enhancing air connectivity to foster socio-economic development. The Department is committed to improving connectivity to new domestic and international destinations from Biju Patnaik International (BPI) Airport, Bhubaneswar and domestic destinations from Veer Surendra Sai (VSS) Airport, Jharsuguda and other Airports of the State namely Jeypore, Rourkela and Utkela. The ‘New Destination Policy for enhancing the air connectivity to Odisha’ is

in line with the National Policy for improvement of connectivity as per RCS UDAN Scheme and the State Civil Aviation Policy, 2022.

3. SCOPE:

This policy applies to Indian airlines having permission from Directorate General of Civil Aviation (DGCA) that commence scheduled air services to new domestic and international destinations.

4. POLICY FRAMEWORK:

a. Definitions

i. **New Destination:** Any domestic or international destination that would be notified by State Government that has not been previously connected by a scheduled air service from BPI Airport, Bhubaneswar or VSS Airport, Jharsuguda

ii. **Publication of Destination:** List of destinations would be published by the Commerce & Transport Department with the approval of the Government. It will be updated as and when required. To commence the scheme few destinations under demand are enclosed in the Policy .

iii. **Financial Assistance:** Monetary support provided to Airlines as specified under this policy to support the operations through VGF.

iv. **Scheduled Air Service:** Regularly timed flights operated according to a published schedule, as defined by DGCA.

v. **Selected Airline:** Indian airlines that are selected to operate the new route under the scheme.

vi. **High Power Committee:** High Power Committee (HPC) on Aviation notified by Commerce & Transport Department under the chairmanship of the Chief Secretary as per State Civil Aviation Policy.

vii. **Time Frame:** The policy will be implemented for a period of 3 years.

b. Eligibility Criteria

i. The airline must operate fixed-wing aircraft with a minimum passenger seating capacity of equal to or more than 50 seats for Domestic destination and 180 seats for international destinations (for airports at BPI, Bhubaneswar and VSS, Jharsuguda

ii. The Indian airline must have all the requisite permissions for international operations from the respective Regulators/ Authorities and comply with all applicable regulations.

iii. The new destination must not have been served by any scheduled commercial flights from BPI Airport, Bhubaneswar and VSS Airport, Jharsuguda within the last 3 months or should not be part of any valid awarded (and yet not operational) route from BPI Airport, Bhubaneswar/ VSS Airport, Jharsuguda under the UDAN Scheme of Ministry of Civil Aviation, Government of India.

iv. For Jeypore, Rourkela &Utkela considering the category of airport, Aircraft less than 50 seats would be allowed. For this, Small Aircraft Scheme (SAS) of Government of India would be applicable.

c. Financial Assistance Mechanism

i. Financial assistance will be provided per round trip for airlines connecting to a new domestic or international destination.

ii. The assistance will be offered for period of first six months, subject to review of the policy's effectiveness and the route's performance the assistance may be renewed by another 6 months.

iii. The quantum of financial assistance (Viability Gap Funding) for Domestic and International routes will be as under:

SL.No.	Category of Routes / Aircraft Type**	Incentive/ Viability Gap Funding
1	Domestic (Passenger Capacity: 50 pax – 180 pax)	INR 5,00,000 per round trip*
2	International (Passenger Capacity: 180 pax)	INR 10,00,000 per round trip*

Note : Same will be indexed with CPI & updated on quarterly basis.

*****For long routes of 750 km and above, airlines may receive an additional incentive capped at 50% beyond the proposed domestic incentive (up to Rs. 7.5 lakhs) and international incentive (up to Rs. 15 lakhs), subject to Government approval.

******For Airlines operating less than 50 seats, Small Aircraft Scheme (SAS) will be applicable as per RCS-UDAN-Small Aircraft Sub-Scheme (“SAS”) Version 1.0 of Ministry of Civil Aviation, Government of India - March 2022 (as revised from time to time).

iv. No other support shall be provided by the State to the Indian airlines for the proposed route, including finalizing an appropriate slot at the airport. Airlines shall be required to undertake their own due diligence with the Airport authorities.

v. Airline needs to follow due procedures as per the DGCA guidelines with respect to tickets fares.

d. Exclusivity of Financial Support

i. As mentioned earlier, sustainable non-stop air connectivity between BPI Airport, Bhubaneswar/ VSS Airport, Jharsuguda and the new domestic/ international destinations is the key objective of the State Government under the Scheme. The State Government recognize that traffic demand on the new routes will be uncertain, and with most of such routes being untested/ non-operational, the market risk for Selected Airline(s) could be significant. Such market risk would tend to be accentuated when multiple airlines are supported and encouraged to undertake operations on the same route. Such induced competition during the early stages of development of routes, especially given the demand uncertainty, could ultimately impact achievement of Scheme objectives.

ii. Accordingly, to encourage development of such routes by airlines, only the first Airlines shall be granted the Financial Support for operating air transport services/ flights on the new domestic/ international Routes. During this period of 6 months, the State Government shall not provide Financial Support to any other airline for the specific domestic/ international route.

e. Period of Financial Support

The Period of Financial support shall be as under:

i. As specified in the Letter of Award for commencement of flight services to the Selected Airline i.e. from the date of the commencement to the expiry or lapse of the time period (including any extension thereof).

ii. Expiry of Six (6) months from the date of commencement of Flight operations on the new domestic/ international route, and

iii. Termination of the relevant Selected Airline Agreement.

f. Application and Disbursement Process

i. Airlines must submit a proposal indicating the new destination, flight frequency, aircraft type, and seating capacity.

ii. Proposals will be evaluated based on the policy criteria, and eligible airlines will be notified of the financial assistance award. C&T Department shall publish Government order as per the policy & communicate the approval to airlines. In case more than one proposal is received for the same domestic/ international destination, priority will be given to the Airline on first come first serve basis. However, in case of dispute, decision of the High-Power Committee (HPC) on Aviation would be final.

iii. Financial assistance will be disbursed post-operation of flights on monthly basis and within 15 working days, upon submission of required operational data and compliance with the terms and conditions.

g. Monitoring and Compliance

i. The airlines will be required to commence operations within a period of 2 months for domestic and 3 months for international destinations, from the date of notification of the financial assistance award. The period for commencement of the operation may be extended (not beyond 6 months) wherever needed by HPC.

ii. The airlines will be required to maintain a minimum level of service as agreed upon in the terms of the financial assistance.

iii. The Department / Directorate of Aviation will monitor the performance of the new routes and ensure compliance with the policy provisions.

iv. The Indian Airlines must share operational data, including passenger load factors and number of seats sold, for each flight as requested by the Department / Directorate of Aviation.

h. Policy Review and Amendments

i. The policy will be subject to periodical review, every six months, by C&T Department/ HPC to assess its effectiveness and make necessary amendments.

ii. The Department reserves the right to modify the terms of financial assistance or discontinue support based on the policy's outcomes and market conditions.

i. Designation of Implementing Agency

Directorate of Aviation, Odisha will be the implementation agency of the policy.

j. Responsibilities of the Implementing Agency

i. Manage the application and evaluation process for financial assistance.

ii. Disburse funds to eligible airlines in accordance with the policy.

iii. Monitor compliance and performance of the new routes.

k. Minimal level of Services

i. Minimum 2 days of services per week and maximum 7 days per week.

ii. Provide required information for the monitoring of the scheme.

iii. Acknowledgement and Announcement of State's support by the Airline during the flights.

iv. Having coordination with the implementing agency with respect to the smooth implementation of the scheme.

l. Funding

The financial assistance will be funded through the budgeting support to the C&T Department for VGF support to Airlines. Funding for such activity is already made in the budget of C&T Department (Head of Account under "Demand No. 21-3053-43008-Subsidy). / as finalized by Finance Department from time to time.

m. Justification for Incentive for New Destination Policy

i. As part of the Policy making process, consultation has been undertaken with the stakeholders to assess potential destinations originating from Bhubaneswar and Jharsuguda Airports.

ii. It is observed that, airlines would be more amenable to and view a destination as potentially viable, for connections having a minimum stage length of 750-850 Kms. Places like Dehradun, Kochi and Surat etc. were discussed as potentials destinations for initial phase of domestic operations.

iii. Based on the stakeholder discussions, and internal analysis on route costs (fixed, variable and overhead) revenues, it is deduced that the Cost per Seat of a Narrow Body Aircraft (180 seater capacity) is comparatively cheaper

than a Turbo Prop Aircraft (50 seater capacity) for a 750 km, 850 km and 1,000 km ranges.

iv. For the purpose of finalising the VGF support as part of the Policy document, a Narrow Body aircraft has been considered as a representative aircraft. Basing on the above, to incentivise the airlines and provide air connectivity to new destinations, the following incentives are proposed:

- ❖ For Domestic Flights
  - a. Destinations up to 750 kms – Proposed VGF is Rs. 5,00,000/-
  - b. Destinations beyond 750 kms – Proposed VGF is Rs. 7,50,000/-
- ❖ For International Flights
  - a. Destinations up to 750 kms – Proposed VGF is Rs. 10,00,000/-
  - b. Destinations beyond 750 kms – Proposed VGF is Rs. 15,00,000/-

v. It is further highlighted that, the proposed incentive/VGF covers less than 24% approx. of the airline's return flight operating costs, thereby enabling them to commence operations and shall provide sufficient incentives to ramp up their operational capabilities and focus on improving its revenues and yields.

n. Any need-based modification for smooth implementation of the programf

High Power Committee constituted under the leadership of Chief Secretary as per the Civil Aviation Policy, would monitor the program periodically. If any changes both operational and financial would be considered within the budgetary allocation/Policy framework. In case of enhancement of VGF, HPC may be authorized to decide based on the importance of route.

5. JUSTIFICATION:

The following points justify the need for the Cabinet's approval of this policy:

a. Economic Growth and Development:

Enhanced air connectivity is a proven catalyst for economic development. It facilitates trade, tourism, and investment, which are critical components of the State's economic growth strategy. By connecting new destinations, we are opening doors to new markets and opportunities for businesses and entrepreneurs in Odisha. As per an International Civil Aviation Organisation (ICAO) study, the output multiplier and employment multiplier are 3.25 and 6.10 respectively, as stated in the National Civil Aviation Policy 2016.

b. Socio-Cultural Exchange:

Air travel not only promotes economic exchange but also cultural and educational exchanges. It will enable greater interaction with other regions and countries, fostering a more vibrant socio-cultural environment.

c. Strategic Location:

Bhubaneswar, being centrally located in the eastern region of India, has the potential to become a significant hub for air travel. Further, the socio-economic development of Western Odisha is intrinsically linked to accessibility and infrastructure at Jharsuguda. This policy will leverage the strategic location of BPI Airport and VSS Airport to enhance its role in the national and international aviation network.

d. Incentivizing Airlines:

The policy provides a structured financial assistance mechanism to incentivize airlines to commence operations on new routes. This assistance is crucial to mitigate the initial risk and encourage airlines to invest in these new connections.

e. Alignment with National Schemes:

The policy complements the UDAN Scheme of the Ministry of Civil Aviation, Government of India, by filling the gaps and extending support to routes not covered under the scheme.

f. Job Creation:

The establishment of new air routes is expected to create direct and indirect employment opportunities in the aviation sector and ancillary industries, contributing to job growth in the State.

g. **Tourism Promotion:** Odisha's rich cultural heritage and natural beauty have significant tourism potential. Improved air connectivity will make the State more accessible to domestic and international tourists, boosting the tourism industry.

h. Fast Tracking the air connectivity:

By providing VGF, airlines would consider the air connectivity to Odisha on a priority which may otherwise be deferred. As the civil aviation market is supply constraint, VGF would fast track the air connectivity to Odisha.

6. FINANCIAL IMPLICATIONS:

Since the financial assistance will be provided from the budget allocated to the C & T Department for VGF support to airlines, there is no requirement of additional funding for the scheme.

Cabinet approval has been obtained for the following:

a. Implementation of the 'New Destination Policy for enhancing the air connectivity to Odisha', to offer financial assistance as an incentive to airline operators as stipulated in the policy from time to time.
b. High Power Committee (HPC) is authorized to decide on the operational and financial aspect of the scheme with the budgetary allocation available as per the provisions of the Policy.

ORDER: Ordered that the Resolution be published in the Extraordinary issue of the *Odisha Gazette* and copies of the Resolution to be forwarded to all Departments, all Heads of Departments and Accountant General, Odisha.

By Order of the Governor

USHA PADHEE

Principal Secretary to Government

ANNEXURE-I

Domestic Destinations:*

1. Dehradun
2. Goa
3. Jammu
4. Jaipur
5. Kochi
6. Surat
7. Shirdi
8. Ahmedabad

International Destinations:

1. Bahrain
2. Kuwait
3. Oman
4. Abu Dhabi

***These are indicative in nature. New destination can be added with approval of Government.**

[ସଂଖ୍ୟା: ୧ ୧ ୩ ୮ ୭ -TRN-AV-GEN-0051/2024]

ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ

ସଂକଳ୍ପ ପତ୍ର

ତା.୨୪.୧୦.୨୦୨୪ରିଖ

ବିଷୟ : ଓଡିଶାରେ ନୂତନ ଗନ୍ତବ୍ୟ ସ୍ଥଳକୁ ବିମାନ ସେବା ସଂଯୋଗୀକରଣ ପାଇଁ ନୀତି

ବିମାନ ସଂଯୋଗୀକରଣକୁ ତ୍ୱରାନ୍ୱିତ କରିବା ପାଇଁ VGF ସହାୟତା ଏବଂ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଓଡ଼ିଶାର ବିମାନବନ୍ଦରରୁ ନୂତନ ଗନ୍ତବ୍ୟ ସ୍ଥଳରେ ବିମାନ ସେବା ଚଳାଚଳକୁ ସହଜ କରିବା ପାଇଁ ଓଡିଶା ସରକାର ନୂତନ ଗନ୍ତବ୍ୟସ୍ଥଳ ନୀତିର ଅନୁମୋଦନ କରିଛନ୍ତି।

୧. ଉଦ୍ଦେଶ୍ୟ

ଏହି ନୀତିର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ବିମାନ ସେବାରେ ଉନ୍ନତି ଆଣିବା ସହିତ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରି ବିମାନ ସେବାକୁ ତ୍ୱରାନିତ୍ୱ କରିବା ।

୨. ପୃଷ୍ଠଭୂମି

ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ରାଜ୍ୟର ଆର୍ଥିକ ଓ ସାମାଜିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଆକାଶ ପଥରେ ବିମାନ ସଂଯୋଗ ବୃଦ୍ଧିକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ବିଭାଗ, ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଭୁବନେଶ୍ୱରରୁ ନୂତନ ଜାତୀୟ ଏବଂ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥାନ ଗୁଡିକର ଆକାଶପଥରେ ସଂଯୋଗୀକରଣ ଉନ୍ନତ କରିବା ସହିତ ରାଜ୍ୟର ଅନ୍ୟାନ୍ୟ ବିମାନ ବନ୍ଦର ଯଥା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର , ଝାରସୁଗୁଡ଼ା, ଜୟପୁର, ରାଉରକେଲା ଏବଂ ଉତ୍କେଲାରୁ ଜାତୀୟ ଗନ୍ତବ୍ୟ ସ୍ଥାନ ଗୁଡ଼ିକ ସହିତ ସଂଯୋଗୀକରଣକୁ ସୁଦୃଢ଼ କରିବାର ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ ଆକାଶପଥ ସଂଯୋଗୀକରଣ ବୃଦ୍ଧି କରିବା ପାଇଁ RCS UDAN ଯୋଜନା ଏବଂ ରାଜ୍ୟ ସିଭିଲ ଆଭିଏସନ ପଲିସି ୨୦୨୨ ଅନୁସାରେ ନୂତନ ଗନ୍ତବ୍ୟସ୍ଥାନ ନୀତି ପ୍ରସ୍ତୁତ କରାଯାଇଛି ଓ ରାଷ୍ଟ୍ରୀୟ ନୀତି ସହିତ ଏହା ସମ୍ପୃକ୍ତ ଅଟେ ।

୩. ସୁଯୋଗ

ଯେଉଁ ଭାରତୀୟ ବିମାନ ସେବାଗୁଡ଼ିକ ଡିରେକ୍ଟରେଟ ଜେନେରାଲ ଅଫ ସିଭିଲ ଆଭିଏସନ (DGCA) ପକ୍ଷରୁ ଅନୁମତି ପାଇଥିବେ ଏବଂ ନୂତନ ଦେଶୀୟ ଏବଂ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥାନକୁ ସମୟାନୁସାରେ ବିମାନ ସେବା ପ୍ରାରମ୍ଭ କରିଥିବେ ସେମାନଙ୍କ ପାଇଁ ଏହି ନୀତି ଲାଗୁ ହେବ ।

୪. ପ୍ରସ୍ତାବ – ନୀତି ଗଠନର ବିଧି

(୧) ସଂଜ୍ଞା

(କ) ନୂତନ ଗନ୍ତବ୍ୟସ୍ଥାନ: କୌଣସି ଜାତୀୟ କିମ୍ବା ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥାନ ଯାହାକୁ ରାଜ୍ୟ ସରକାରଙ୍କ ଦ୍ୱାରା ସୂଚିତ କରାଯାଇଛି ଏବଂ ଯାହାକୁ ପୂର୍ବରୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର କିମ୍ବା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର,

ଝାରସୁଗୁଡ଼ାରୁ କୌଣସି ନିୟମିତ ବିମାନ ସେବା ସଂଯୋଗ ହୋଇନଥିବ।

(ଖ) ଗନ୍ତବ୍ୟ ସ୍ଥାନର ପ୍ରକାଶନ: ଗନ୍ତବ୍ୟ ସ୍ଥାନର ପ୍ରକାଶନ ତାଲିକା ସରକାରଙ୍କ ଅନୁମୋଦନ କ୍ରମେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପ୍ରକାଶିତ ହେବ। ଆବଶ୍ୟକ ପଡ଼ିଲେ ଏହାକୁ ଅପଡେଟ୍ କରାଯିବ। ଏହି ଯୋଜନା ଆରମ୍ଭ କରିବା ପାଇଁ ଚାହିଦା ଥିବା କେତେକ ଗନ୍ତବ୍ୟ ସ୍ଥାନ "**ପରିଶିଷ୍ଟ**" ରେ ସଂଲଗ୍ନ କରାଯାଇଛି।

(ଗ) ଆର୍ଥିକ ସହାୟତା: ଏହି ନୀତି ଅନୁଯାୟୀ ପରିଚାଳନା ସେବାକୁ ସମର୍ଥନ ଦେବା ପାଇଁ ନିର୍ଦ୍ଦିଷ୍ଟ ଭାବେ ଏୟାରଲାଇନ୍ସମାନଙ୍କୁ ଆର୍ଥିକ **ସହାୟତା** ଦିଆଯିବ

(ଘ) ନିୟମିତ ବିମାନ ସେବା: DGCA ଦ୍ୱାରା ଅନୁମୋଦିତ ସମୟାନୁଯାୟୀ ନିୟମିତ ବିମାନ ସେବା

(ଙ) **ମନୋନୀତ** ଏୟାରଲାଇନ୍ସ: ଏହି ଯୋଜନା ଆଧାରରେ, **ମନୋନୀତ** ଏୟାରଲାଇନ୍ସ ନୂତନ ଗନ୍ତବ୍ୟ ମାର୍ଗକୁ ଯାତାୟାତ କରିବେ

(ଚ) **ଉଚ୍ଚ ସ୍ତରୀୟ** କମିଟି: ରାଜ୍ୟ ସିଭିଲ ଆଭିଏସନ ପଲିସି ଅନୁସାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ସୂଚିତ ହୋଇ ଏକ ହାଇ ପାୱାର କମିଟି (HPC) ଗଠିତ **ହୋଇଛି |**

(ଛ) ସମୟ ସୀମା: ଏହି ନୀତି 3 ବର୍ଷ ପାଇଁ କାର୍ଯ୍ୟକାରୀ ହେବ |

(୨) ଯୋଗ୍ୟତା ମାନଦଣ୍ଡ

(କ) ଏୟାରଲାଇନ୍ସକୁ ଜାତୀୟ ଗନ୍ତବ୍ୟ ସ୍ଥାନ ପାଇଁ ୫୦ ସିଟ କିମ୍ବା ତା'ଠାରୁ ଅଧିକ ଆସନ ବିଶିଷ୍ଟ ଫିକ୍ସଡ୍-ୱିଙ୍ଗ୍ **ବିମାନ** ପ୍ରଦାନ କରିବା ଆବଶ୍ୟକ ଏବଂ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥାନ ପାଇଁ ୧୮୦ ଆସନ ବାଧ୍ୟତାମୂଳକ (ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର ଏବଂ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର, ଝାରସୁଗୁଡ଼ା ପାଇଁ)

(ଖ) ଏହି ଏୟାରଲାଇନ୍ସ ମାନଙ୍କୁ ଜାତୀୟ ଏବଂ ଆନ୍ତର୍ଜାତୀୟ ବିମାନ ଚାଳନା ସେବା ପ୍ରଦାନ ପାଇଁ ଆବଶ୍ୟକ ଅନୁମତି ରଖିବା ସହ ଏହା ସମସ୍ତ ଆବଶ୍ୟକୀୟ ନୀତି ନିୟମ ପାଳନ କରିବା ଆବଶ୍ୟକ।

(ଗ) ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ **ମନ୍ତ୍ରଣାଳୟ** UDAN ଯୋଜନା ଅଧୀନରେ ଗତ ୩ ମାସ ମଧ୍ୟରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ଏବଂ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର, ଝାରସୁଗୁଡାରୁ କୌଣସି ନିର୍ଦ୍ଧାରିତ ବାଣିଜ୍ୟିକ ବିମାନ ସେବା ପ୍ରଦାନ କରାଯାଇ ନ ଥିବ କିମ୍ବା ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଭୁବନେଶ୍ୱର/ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର, ଝାରସୁଗୁଡାରୁ କୌଣସି ବୈଧ (ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନୁହେଁ) ରୁଟର ଅଂଶ ହୋଇନଥିବ

(ଘ) ଜୟପୁର, ରାଉରକେଲା ଏବଂ ଉତ୍କେଳା ପାଇଁ ବିମାନ ବନ୍ଦରର ବର୍ଗକୁ ବିଚାରକୁ ନେଇ, ୫୦ ରୁ କମ୍ ସିଟ୍ ବିଶିଷ୍ଟ ବିମାନକୁ ଅନୁମତି ଦିଆଯିବ। ଏଥିପାଇଁ ଭାରତ ସରକାରଙ୍କ କ୍ଷୁଦ୍ର ବିମାନ ଯୋଜନା (ଏସ୍. ଏ. ଏସ୍.) ଲାଗୁ ହେବ।

(୩) ଆର୍ଥିକ ସହାୟତା ବ୍ୟବସ୍ଥା

(କ) ଏକ ନୂତନ ଘରୋଇ କିମ୍ବା ଆନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥାନକୁ ସଂଯୋଗ କରୁଥିବା ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ପାଇଁ ପ୍ରତି ରାଉଣ୍ଡ ଟ୍ରିପ୍ ରେ ଆର୍ଥିକ ସହାୟତା ପ୍ରଦାନ କରାଯିବ।

(ଖ) ଏହି ସହାୟତା ପ୍ରଥମ ଛଅ ମାସ ପାଇଁ ପ୍ରଦାନ କରାଯିବ, ଯାହା ପଲିସିର ପ୍ରଭାବଶୀଳତା ଏବଂ ମାର୍ଗର ପ୍ରଦର୍ଶନର ସମୀକ୍ଷା ଉପରେ ନିର୍ଭର କରିବ ତେବେ ଏହି ସହାୟତା ଆଉ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ।

(ଗ) ଘରୋଇ ଏବଂ ଆନ୍ତର୍ଜାତୀୟ ମାର୍ଗ ପାଇଁ ଆର୍ଥିକ ସହାୟତା (ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ) ର ପରିମାଣ ନିମ୍ନରେ ଦିଆଗଲା

କ୍ରମିକ **ସଂଖ୍ୟା**	ମାର୍ଗ ବିମାନର ଶ୍ରେଣୀ / ପ୍ରକାର* *	ପ୍ରୋତ୍ସାହନ/VGF
୧	ଘରୋଇ (ଯାତ୍ରୀ କ୍ଷମତା ୫୦-୧୮୦)	ପ୍ରତି ରାଉଣ୍ଡ ଟ୍ରିପ ପାଇଁ ୫,୦୦,୦୦୦ ଟଙ୍କା*
୨	ଆନ୍ତର୍ଜାତୀୟ (ଯାତ୍ରୀ କ୍ଷମତା୧୮୦)	ପ୍ରତି ରାଉଣ୍ଡ ଟ୍ରିପ ପାଇଁ ୧୦,୦୦,୦୦୦ ଟଙ୍କା *

ଟିପ୍ପଣୀ: ଏହାକୁ CPI ସହିତ ସୂଚୀଭୁକ୍ତ କରାଯିବ ଏବଂ ତ୍ରୈମାସିକ ଭିତ୍ତିରେ ଅପଡେଟ୍ କରାଯିବ।

*୭୫୦ କିଲୋମିଟର ଏବଂ ଅଧିକ ଲମ୍ବା ମାର୍ଗ ପାଇଁ, ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ପ୍ରସ୍ତାବିତ ଘରୋଇ ପ୍ରୋତ୍ସାହନ (୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ) ଠାରୁ ୫୦% ଅଧିକ ଅତିରିକ୍ତ ପ୍ରୋତ୍ସାହନ ପାଇପାରିବେ ଏବଂ ଆନ୍ତର୍ଜାତୀୟ ପ୍ରୋତ୍ସାହନ (୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ) ପାଇ ପାରନ୍ତି କିନ୍ତୁ ଏହା ସରକାରୀ ଅନୁମୋଦନ ସାପେକ୍ଷ।

**୫୦ରୁ କମ୍ ସିଟ୍ ପରିଚାଳନା କରୁଥିବା ଏୟାରଲାଇନ୍ସ ପାଇଁ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାର - ମାର୍ଚ୍ଚ ୨୦୨୨ କ୍ଷୁଦ୍ର ବିମାନ ଯୋଜନା (SAS) RCS-UDAN-Small Aircraft Sub-Scheme ("SAS") Version 1.0 ଅନୁଯାୟୀ ଲାଗୁ ହେବ (ସମୟ ସମୟରେ ସଂଶୋଧିତ) ।

(ଘ) ବିମାନବନ୍ଦରରେ ଏକ ଉପଯୁକ୍ତ ସ୍ଲଟ୍ ଚୂଡ଼ାନ୍ତ କରିବା ସମେତ ପ୍ରସ୍ତାବିତ ମାର୍ଗ ପାଇଁ ରାଜ୍ୟ ଦ୍ୱାରା ଭାରତୀୟ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ଅନ୍ୟ କୌଣସି ସହାୟତା ପ୍ରଦାନ କରାଯିବ ନାହିଁ। ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ହେବ ।

(ଙ) ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ଟିକେଟ୍ ଭଡ଼ା ସମ୍ବନ୍ଧରେ ଡିଜିସିଏ ନିର୍ଦ୍ଦେଶାବଳୀ ଅନୁଯାୟୀ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିବା ଆବଶ୍ୟକ।

(୪) ଆର୍ଥିକ ସହାୟତାର ସ୍ୱତନ୍ତ୍ରତା

(କ) ଏହି ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର/ଭି. ଏସ୍. ଏସ୍. ବିମାନ ବନ୍ଦର, ଝାରସୁଗୁଡା ଏବଂ ନୂତନ ଘରୋଇ/ଆନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳ ମଧ୍ୟରେ ନିରନ୍ତର ବିମାନ ସଂଯୋଗ । ରାଜ୍ଯ ସରକାର ସ୍ୱୀକାର କରିଛନ୍ତି ଯେ ନୂତନ ମାର୍ଗରେ ଟ୍ରାଫିକ୍ ଚାହିଦା ଅନିଶ୍ଚିତ ହେବ, ଏବଂ ଏହିପରି ଅଧିକାଂଶ ମାର୍ଗ ଅଣ-ପରୀକ୍ଷିତ/କାର୍ଯ୍ୟକ୍ଷମ ନ ଥିବାରୁ, ବିମାନ ଚଳାଚଳ ସଂସ୍ଥାକୁ କ୍ଷତି ସହିବାକୁ ପଡିପାରେ। ଯେତେବେଳେ ଏକାଧିକ ଏୟାରଲାଇନ୍ସକୁ ସମର୍ଥନ କରାଯାଏ ଏବଂ ସମାନ ମାର୍ଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଏ, ସେତେବେଳେ ଏଭଳି ବିପଦ ବୃଦ୍ଧି ପାଇଥାଏ।

(ଖ) ତଦନୁସାରେ, ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ଦ୍ୱାରା ଏହିପରି ମାର୍ଗଗୁଡ଼ିକର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ, କେବଳ ପ୍ରଥମ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ନୂତନ ଘରୋଇ/ଆନ୍ତର୍ଜାତୀୟ ମାର୍ଗରେ ବିମାନ ପରିବହନ ସେବା/ବିମାନ ଚଳାଚଳ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ୬ ମାସର ଅବଧି ମଧ୍ୟରେ ରାଜ୍ଯ ସରକାର ନିର୍ଦ୍ଦିଷ୍ଟ ଘରୋଇ/ଆନ୍ତର୍ଜାତୀୟ ମାର୍ଗ ପାଇଁ ଅନ୍ଯ କୌଣସି ବିମାନ ଚଳାଚଳ ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରିବେ ନାହିଁ।

(୫) ଆର୍ଥିକ ସହାୟତାର ଅବଧି

ଆର୍ଥିକ ସହାୟତାର ଅବଧି ନିମ୍ନରେ ଦିଆଗଲା:-

(କ) ମନୋନୀତ ଏୟାରଲାଇନ୍ସକୁ ପୁରସ୍କାର ପତ୍ର ଅନୁଯାୟୀ ବିମାନ ସେବା ଆରମ୍ଭ ତାରିଖ ଠାରୁ ଅବଧି ଶେଷ ହେବା ପର୍ଯ୍ୟନ୍ତ

(ଖ) ନୂତନ ଘରୋଇ/ଆନ୍ତର୍ଜାତୀୟ ମାର୍ଗରେ ବିମାନ ଚଳାଚଳ ଆରମ୍ଭ ହେବାର ତାରିଖ ଠାରୁ ଛଅ ମାସର ସମାପ୍ତି; ଏବଂ

(ଗ) ପ୍ରାସଙ୍ଗିକ ବିମାନ ସେବା ରାଜିନାମାର ସମାପ୍ତି ପର୍ଯ୍ୟନ୍ତ

(୬) ଆବେଦନ ଏବଂ ଚୟନ ପ୍ରକ୍ରିୟା

(କ) ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ନୂତନ ଗନ୍ତବ୍ଯ ସ୍ଥଳ, ଉଡ଼ାଣ ଆବୃତ୍ତି, ବିମାନର ପ୍ରକାର ଏବଂ ବସିବା କ୍ଷମତା ଦର୍ଶାଇ ଏକ ପ୍ରସ୍ତାବ ଦାଖଲ କରିବା ଆବଶ୍ୟକ।

(ଖ) ନୀତିଗତ ମାନଦଣ୍ଡ ଆଧାରରେ ପ୍ରସ୍ତାବଗୁଡ଼ିକର ମୂଲ୍ୟାଙ୍କନ କରାଯିବ ଏବଂ ଯୋଗ୍ଯ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ଆର୍ଥିକ ସହାୟତା ସମ୍ପର୍କରେ ଅବଗତ କରାଯିବ। ବାଣିଜ୍ୟ ଏବଂ ପରିବହନ ବିଭାଗ ନୀତି ଅନୁଯାୟୀ ସରକାରୀ ଆଦେଶ ପ୍ରକାଶ ପାଇବ ଏବଂ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ଅନୁମୋଦନ ଜଣାଯିବ। ଯଦି ସମାନ ଘରୋଇ/ଆନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳ ପାଇଁ ଏକାଧିକ ପ୍ରସ୍ତାବ ପ୍ରାପ୍ତ ହୁଏ, ତେବେ ପ୍ରଥମେ ଆସିଥିବା ଆବେଦନ କୁ ପ୍ରାଥମିକତା ମିଳିବ। ତେବେ ବିବାଦ କ୍ଷେତ୍ରରେ ବିମାନ ଚଳାଚଳ ଉପରେ ହାଇ ପାୱାର କମିଟି (HPC) ର ନିଷ୍ପତ୍ତି ଚୂଡ଼ାନ୍ତ ହେବ।

(ଗ) ଆବଶ୍ୟକ ପରିଚାଳନା ତଥ୍ଯ ଏବଂ ନିୟମ ଏବଂ ସର୍ତ୍ତାବଳୀର ଅନୁପାଳନ ଦାଖଲ କରିବା ପରେ ମାସିକ ଭିତ୍ତିରେ ଏବଂ ୧୫ କାର୍ଯ୍ଯ ଦିବସ ମଧ୍ଯରେ ଆର୍ଥିକ ସହାୟତା ପ୍ରଦାନ କରାଯିବ।

(୭) ନିରୀକ୍ଷଣ ଏବଂ ଅନୁପାଳନ

(କ) ଆର୍ଥିକ ସହାୟତା ଘୋଷଣା ତାରିଖ ଠାରୁ ଘରୋଇ ବିମାନ ଚଳାଚଳ ପାଇଁ ୨ ମାସ ଏବଂ ଅନ୍ତର୍ଜାତୀୟ ଗନ୍ତବ୍ଯ ସ୍ଥଳ ପାଇଁ ୩ ମାସ ମଧ୍ଯରେ ବିମାନ ଚଳାଚଳ ଆରମ୍ଭ କରିବାକୁ ପଡ଼ିବ। HPC ଦ୍ୱାରା ଆବଶ୍ଯକ ସ୍ଥଳେ ଅପରେସନ ଆରମ୍ଭ କରିବାର ଅବଧିକୁ ବୃଦ୍ଧି କରାଯାଇପାରିବ (୬ ମାସରୁ ଅଧିକ ନୁହେଁ)।

(ଖ) ଆର୍ଥିକ ସହାୟତା ସର୍ତ୍ତାବଳୀ ଅନୁଯାୟୀ ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ସର୍ବନିମ୍ନ ସ୍ତରର ସେବା ବଜାୟ ରଖିବା ଆବଶ୍ଯକ ।
(ଗ) ବିମାନ ଚଳାଚଳ ବିଭାଗ/ ନିର୍ଦ୍ଦେଶାଳୟ ନୂତନ ମାର୍ଗଗୁଡ଼ିକର କାର୍ଯ୍ୟକାରିତା ଉପରେ ନଜର ରଖିବେ ଏବଂ ନୀତି ବ୍ୟବସ୍ଥା ଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରିବେ।

(ଘ) ବିଭାଗ/ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଦ୍ୱାରା ଇଣ୍ଡିଆନ୍ ଏୟାରଲାଇନ୍ସ ପ୍ରତ୍ୟେକ ବିମାନ ପାଇଁ ସିଟ କ୍ଷମତା ଏବଂ ବିକ୍ରି ହୋଇଥିବା ସିଟ୍ ସଂଖ୍ୟା ସମେତ ପରିଚାଳନା ତଥ୍ୟ ପ୍ରଦାନ କରିବେ

(୮) ନୀତି ସମୀକ୍ଷା ଏବଂ ସଂଶୋଧନ

(କ) ଏହି ନୀତିର ପ୍ରଭାବକୁ ଆକଳନ କରିବା ଏବଂ ଆବଶ୍ଯକ ସଂଶୋଧନ କରିବା ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ/HPC ଦ୍ୱାରା ପ୍ରତି ଛଅ ମାସରେ ଏହି ନୀତିର ନିୟମିତ ସମୀକ୍ଷା କରାଯିବ।

(ଖ) ନୀତିର ଫଳାଫଳ ଏବଂ ବଜାର ସ୍ଥିତି ଆଧାରରେ ଆର୍ଥିକ ସହାୟତାର ସର୍ତ୍ତାବଳୀ ସଂଶୋଧନ କରିବା କିମ୍ବା ସହାୟତା ବନ୍ଦ କରିବାର ଅଧିକାର ବିଭାଗ ପାଖରେ ରହିଛି।

(୯) କାର୍ଯ୍ଯକାରୀ **ସଂସ୍ଥା**

ବିମାନ ଚଳାଚଳ ନିର୍ଦ୍ଦେଶାଳୟ, **ଓଡିଶା** ଏହି ନୀତିର କାର୍ଯ୍ଯକାରୀ ସଂସ୍ଥା ହେବ।

(୧୦) କାର୍ଯ୍ଯକାରୀ **ସଂସ୍ଥାର** ଦାୟିତ୍ୱ

(କ) ଆର୍ଥିକ ସହାୟତା ପାଇଁ ଆବେଦନ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟାର ପରିଚାଳନା ।

(ଖ) ନୀତି ଅନୁଯାୟୀ ଯୋଗ୍ଯ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ପାଣ୍ଠି ବଣ୍ଟନ ।

(ଗ) ନୂତନ ମାର୍ଗଗୁଡ଼ିକର ଅନୁପାଳନ ଏବଂ କାର୍ଯ୍ୟକାରିତା ତଦାରଖ ।

(୧୧) ସର୍ବନିମ୍ନ ସ୍ତରର ସେବା

(କ) ସପ୍ତାହରେ ସର୍ବନିମ୍ନ ୨ ଦିନ ଏବଂ ସପ୍ତାହରେ ସର୍ବାଧିକ ୭ ଦିନ ସେବା

(ଖ) ଯୋଜନାର ତଦାରଖ ପାଇଁ ଆବଶ୍ଯକ ସୂଚନା ପ୍ରଦାନ ।

(ଗ) ବିମାନ ଉଡ଼ାଣ ସମୟରେ ଏୟାର ଲାଇନ୍ ଦ୍ୱାରା ରାଜ୍ଯର ସମର୍ଥନକୁ ସ୍ୱୀକୃତି ଏବଂ ଘୋଷଣା।

(ଘ) ଯୋଜନାର ସୁବ୍ୟବସ୍ଥିତ କାର୍ଯ୍ଯ ସମ୍ବନ୍ଧରେ କାର୍ଯ୍ଯକାରୀ ସଂସ୍ଥା ସହିତ ସମନ୍ୱୟ ରକ୍ଷା ।

(୧୨) ପାଣ୍ଠି ଯୋଗାଣ

ଏୟାରଲାଇନ୍ସକୁ VGF ସହାୟତା ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଭଳି କାର୍ଯ୍ୟକଳାପ ପାଇଁ ପାଣ୍ଠି ପୂର୍ବରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ବଜେଟରେ (ଡିମାଣ୍ଡ ନଂ. 21-3053-43008-ସବସିଡି) ଅର୍ଥ ବିଭାଗ ଦ୍ୱାରା ଚୂଡ଼ାନ୍ତ ହୋଇଛି ।

(୧୩) ନୂତନ **ଗନ୍ତବ୍ୟ** ନୀତି ପାଇଁ ପ୍ରୋତ୍ସାହନ **ନିମନ୍ତେ** ଯଥାର୍ଥତା

(କ) ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ଅଂଶବିଶେଷ ସ୍ୱରୂପ, ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ବିମାନ ବନ୍ଦରରୁ ସମ୍ଭାବ୍ଯ ଗନ୍ତବ୍ଯସ୍ଥଳର ଆକଳନ କରିବା ଲାଗି ଅଂଶୀଦାରମାନଙ୍କ ସହିତ ପରାମର୍ଶ ଗ୍ରହଣ କରାଯାଇଛି।

(ଖ) ଏହା ପରିଲକ୍ଷିତ ହୋଇଛି ଯେ, ସର୍ବନିମ୍ନ ଦୈର୍ଘ୍ଯ ୭୫୦-୮୫୦ କିଲୋମିଟର ଥିବା ଗନ୍ତବ୍ୟ ସ୍ଥଳକୁ ସଂଯୋଗ ପାଇଁ ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ଅଧିକ ଅନୁକୂଳ ଏବଂ ସମ୍ଭାବ୍ଯ ଭାବରେ ଦେଖିବେ। ଡେରାଡୁନ, କୋଚି ଏବଂ ସୁରଟ ଇତ୍ୟାଦି ସ୍ଥାନକୁ ପ୍ରାରମ୍ଭିକ ପର୍ଯ୍ୟାୟ ପାଇଁ ସମ୍ଭାବ୍ଯ ଗନ୍ତବ୍ୟସ୍ଥଳ ଭାବରେ ଆଲୋଚନା କରାଯାଇଥିଲା।

(ଗ) ଅଂଶୀଦାରମାନଙ୍କ ଆଲୋଚନା ଏବଂ ମାର୍ଗ ମୂଲ୍ଯ (ସ୍ଥିର, ପରିବର୍ତ୍ତନଶୀଳ ଏବଂ ମୁଣ୍ଡ ପିଛା) ରାଜସ୍ୱ ଉପରେ ଆଭ୍ୟନ୍ତରୀଣ ବିଶ୍ଳେଷଣ ଆଧାରରେ, ଏହା ଅନୁମାନ କରାଯାଏ ଯେ ଏକ ବିମାନ (୧୮୦ ସିଟ୍ କ୍ଷମତା) ର ସିଟ୍ ପିଛା ମୂଲ୍ଯ ୭୫୦ କିଲୋମିଟର, ୮୫୦ କିଲୋମିଟର ଏବଂ ୧୦୦୦ କିଲୋମିଟର ରେଞ୍ଜ ପାଇଁ ଟର୍ବୋ ପ୍ରୋପ୍ ବିମାନ (୫୦ ସିଟ୍ କ୍ଷମତା) ତୁଳନାରେ ଅପେକ୍ଷାକୃତ ଶସ୍ତା |

(ଘ) ନୀତି ଦସ୍ତାବିଜର ଅଂଶବିଶେଷ ଭାବେ VGF ସହାୟତା ଚୂଡ଼ାନ୍ତ କରିବା ଉଦ୍ଦେଶ୍ୟରେ ଏକ ବଡ ବିମାନକୁ ଏକ ପ୍ରତିନିଧିତ୍ୱକାରୀ ବିମାନ ଭାବେ ବିବେଚନା କରାଯାଇଛି। ଉପରୋକ୍ତ ଆଧାରରେ, ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ନୂତନ **ଗନ୍ତବ୍ୟ**ସ୍ଥଳକୁ ବିମାନ ସଂଯୋଗ ପ୍ରଦାନ କରିବା ପାଇଁ ନିମ୍ନଲିଖିତ ପ୍ରୋତ୍ସାହନ ପ୍ରସ୍ତାବ ଦିଆଯାଇଛି ।

- ❖ ଘରୋଇ ବିମାନ ପାଇଁ:-

(କ) ୭୫୦ କିଲୋମିଟର ପର୍ଯ୍ୟନ୍ତ ଗନ୍ତବ୍ୟସ୍ଥଳ - ପ୍ରସ୍ତାବିତ VGF ହେଉଛି ୫,୦୦,୦୦୦ ଟଙ୍କା ।
(ଖ) ୭୫୦ କିଲୋମିଟରରୁ ଅଧିକ ଗନ୍ତବ୍ୟସ୍ଥଳ - ପ୍ରସ୍ତାବିତ VGF ହେଉଛି ୭,୫୦,୦୦୦ ଟଙ୍କା |

- ❖ ଆନ୍ତର୍ଜାତୀୟ ବିମାନ ପାଇଁ:-

(କ) ୭୫୦କିଲୋମିଟର ପର୍ଯ୍ୟନ୍ତ ଗନ୍ତବ୍ୟସ୍ଥଳ - ପ୍ରସ୍ତାବିତ VGF ହେଉଛି ୧୦,୦୦,୦୦୦ ଟଙ୍କା |
(ଖ) ୭୫୦ କିଲୋମିଟରରୁ ଅଧିକ ଗନ୍ତବ୍ୟସ୍ଥଳ - ପ୍ରସ୍ତାବିତ VGF ହେଉଛି ୧୫,୦୦,୦୦୦ ଟଙ୍କା |

(ଙ) ଏହା ଆହୁରି ଦୃଷ୍ଟି ଆକର୍ଷଣ ହୋଇଛି ଯେ, ପ୍ରସ୍ତାବିତ ପ୍ରୋତ୍ସାହନ / VGF ଆନୁମାନିକ ୨୪% ରୁ କମ୍ ଅଟେ | ଏୟାରଲାଇନ୍ସର ରିଟର୍ନ ଫ୍ଲାଇଟ୍ ଅପରେଟିଂ ଖର୍ଚ୍ଚ, ଯାହା ଦ୍ୱାରା ସେମାନଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ସକ୍ଷମ କରିବା ସହ ସେମାନଙ୍କର କାର୍ଯ୍ୟକ୍ଷମ କ୍ଷମତାକୁ ବୃଦ୍ଧି କରିବା ଏବଂ ଧ୍ୟାନ ଦେବା ପାଇଁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ପ୍ରଦାନ କରିବ |

(୧୪) କାର୍ଯ୍ୟକ୍ରମର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଯେକୌଣସି ଆବଶ୍ୟକତା-ଆଧାରିତ ପରିବର୍ତ୍ତନ:

ବେସାମରିକ ବିମାନ ଚଳାଚଳ ନୀତି ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଗଠିତ ହାଇ ପାୱାର କମିଟି ନିୟମିତ ବ୍ୟବଧାନରେ କାର୍ଯ୍ୟକ୍ରମର ତଦାରଖ କରିବ। ଉଭୟ ପରିଚାଳନା ଏବଂ ଆର୍ଥିକ, ବଜେଟ ଆବଣ୍ଟନ/ନୀତି ଢାଞ୍ଚା ମଧ୍ୟରେ ଯଦି କୌଣସି ପରିବର୍ତ୍ତନର ଆବଶ୍ୟକତା ରହିଛି ତାହା ବିଚାର କରାଯିବ। VGF ବୃଦ୍ଧି କ୍ଷେତ୍ରରେ, HPCକୁ ମାର୍ଗର ଗୁରୁତ୍ୱ ଆଧାରରେ ନିଷ୍ପତ୍ତି ନେବାର ଅଧିକାର ଦିଆଯାଇପାରେ।

୫. ଯଥାର୍ଥତା

ନିମ୍ନୋକ୍ତ ବିଷୟ ଗୁଡ଼ିକ ଏହି ନୀତିର କ୍ୟାବିନେଟ୍ ଅନୁମୋଦନ କୁ ଯଥାର୍ଥ ସାବ୍ୟସ୍ତ କରିଥାଏ ।

(କ) ଆର୍ଥିକ ଅଭିବୃଦ୍ଧି ଓ ବିକାଶ : ଆର୍ଥିକ ବିକାଶ ପାଇଁ ଉନ୍ନତ ବିମାନ ସଂଯୋଗ ଏକ ପ୍ରମାଣିତ ଉତ୍ପ୍ରେରକ। ଏହା ବାଣିଜ୍ୟ, ପର୍ଯ୍ୟଟନ ଏବଂ ନିବେଶକୁ ସୁଗମ କରିଥାଏ, ଯାହା ରାଜ୍ୟର ଆର୍ଥିକ ଅଭିବୃଦ୍ଧି ରଣନୀତିର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ଅଟେ। ନୂତନ ଗନ୍ତବ୍ୟସ୍ଥଳକୁ ସଂଯୋଗ କରି, ଆମେ ଓଡ଼ିଶାରେ ବ୍ୟବସାୟୀ ଏବଂ ଉଦ୍ୟୋଗୀଙ୍କ ପାଇଁ ନୂତନ ବଜାର ଏବଂ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିଛୁ । ଆନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଗଠନ (ICAO) , ଜାତୀୟ ବେସାମରିକ ବିମାନ ଚଳାଚଳ ନୀତି (NCAP) ୨୦୧୬ ଅନୁଯାୟୀ ଉତ୍ପାଦନ ଗୁଣକ ଏବଂ ନିଯୁକ୍ତି ଗୁଣକ ଯଥାକ୍ରମେ ୩.୨୫ଏବଂ ୬.୧୦ ଅଟେ।

(ଖ) ସାମାଜିକ-ସାଂସ୍କୃତିକ ବିନିମୟ : ବିମାନ ଯାତ୍ରା କେବଳ ଆର୍ଥିକ ବିନିମୟକୁ ପ୍ରୋତ୍ସାହିତ କରେ ନାହିଁ ବରଂ ସାଂସ୍କୃତିକ ଏବଂ ଶିକ୍ଷାଗତ ବିନିମୟକୁ ମଧ ପ୍ରୋତ୍ସାହିତ କରେ। ଏହା ଆଞ୍ଚଳିକ ଏବଂ ବୈଦେଶିକ ଭାବ ବିନିମୟକୁ ଅଧିକ ସକ୍ଷମ କରିବ ଏବଂ ଏକ ଜୀବନ୍ତ ସାମାଜିକ-ସାଂସ୍କୃତିକ ପରିବେଶକୁ ପ୍ରୋତ୍ସାହିତ କରିବ।

(ଗ) ରଣନୈତିକ ସ୍ଥାନ : ଭାରତର ପୂର୍ବ ଭାଗରେ ଅବସ୍ଥିତ ଭୁବନେଶ୍ୱର ବିମାନ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବାର ସମ୍ଭାବନା ରହିଛି। ଆହୁରି ମଧ, ପଶ୍ଚିମ ଓଡ଼ିଶାର ସାମାଜିକ-ଅର୍ଥନୈତିକ ବିକାଶ ଝାରସୁଗୁଡ଼ାରେ ବିମାନ ସେବାର ଉପଲବ୍ଧତା ଏବଂ ଭିତ୍ତିଭୂମି ସହିତ ଅନ୍ତର୍ନିହିତ ଭାବରେ ଜଡିତ | ଏହି ନୀତି ଜାତୀୟ ଏବଂ ଆନ୍ତର୍ଜାତୀୟ ବିମାନ ଚଳାଚଳ ନେଟୱାର୍କରେ ଏକ ପ୍ରମୁଖ ଭୂମିକା ବୃଦ୍ଧି କରି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଏବଂ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ରଣନୈତିକ ଅବସ୍ଥାନର ଲାଭ ଉଠାଇବ।

(ଘ) ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହନ: ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ନୂତନ ମାର୍ଗରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରୋତ୍ସାହନ ଦେବା ସହ ଏକ ଗଠନ ମୂଳକ ଆର୍ଥିକ ସହାୟତା ବ୍ୟବସ୍ଥା ପ୍ରଦାନ କରିଥାଏ। ପ୍ରାରମ୍ଭିକ ବିପଦକୁ ହ୍ରାସ କରିବା ଏବଂ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ଏହି ନୂତନ ସଂଯୋଗରେ ନିବେଶ କରିବା ପାଇଁ ପ୍ରୋତ୍ସାହିତ କରିବା ପାଇଁ ଏହି ସହାୟତା ଗୁରୁତ୍ୱପୂର୍ଣ୍ଣ।

(ଙ) ଜାତୀୟ ଯୋଜନା ସହିତ ସମନ୍ୱୟ : ଏହି ନୀତି ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର UDAN ଯୋଜନାର ପରିପୂରକ, ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ମାର୍ଗକୁ ସହାୟତା ପ୍ରଦାନ କରାଯାଇ ଥାଏ।

(ଚ)ନିଯୁକ୍ତି ସୁଯୋଗ ସୃଷ୍ଟି : ନୂତନ ବିମାନ ମାର୍ଗ ପ୍ରତିଷ୍ଠା ହେବା ଦ୍ୱାରା ବିମାନ ଚଳାଚଳ କ୍ଷେତ୍ରରେ ଏବଂ ଆନୁଷଙ୍ଗିକ

ଉଦ୍ୟୋଗରେ ପ୍ରତେକ୍ଷ୍ୟ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି, ଯାହା ରାଜ୍ୟ ରେ ନିଯୁକ୍ତି ବୃଦ୍ଧିରେ ସହାୟକ ହେବ।

(ଛ) ପର୍ଯ୍ୟଟନ ପ୍ରୋତ୍ସାହନ : ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ, ଐତିହ୍ଯ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ପର୍ଯ୍ୟଟନର ଯଥେଷ୍ଟ ସମ୍ଭାବନା ରହିଛି। ଉନ୍ନତ ବିମାନ ସଂଯୋଗ ରାଜ୍ଯକୁ ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁଗମ କରିବା ସହ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବ।

(ଜ) ବିମାନ ସଂଯୋଗକୁ ତ୍ଵରାନ୍ୱିତ କରିବା: VGF ପ୍ରଦାନ କରି ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ଓଡ଼ିଶା ସହିତ ବିମାନ ସଂଯୋଗକୁ ପ୍ରାଥମିକତା ଭିତ୍ତିରେ ବିଚାର କରିବେ । ବେସାମରିକ ବିମାନ ଚଳାଚଳ ବଜାରରେ ଯୋଗାଣର ପ୍ରତିବନ୍ଧକ ଥିବାରୁ, VGF, ଓଡ଼ିଶା ବିମାନ ସଂଯୋଗକୁ ତ୍ଵରାନ୍ୱିତ କରିବ।

୬. ଆର୍ଥିକ ପ୍ରଭାବ

ଯେହେତୁ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ VGF ସହାୟତା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗକୁ ଆବଣ୍ଟିତ ବଜେଟରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ, ତେଣୁ ଏହି ଯୋଜନା ପାଇଁ କୌଣସି ଅତିରିକ୍ତ ପାଣ୍ଠିର ଆବଶ୍ଯକତା ନାହିଁ।

ନିମ୍ନଲିଖିତ ବିଷୟ ପାଇଁ କ୍ୟାବିନେଟ୍ ଅନୁମୋଦନ ପ୍ରାପ୍ତ ହୋଇଛି:

(କ) ଓଡ଼ିଶା ସହିତ ବିମାନ ସଂଯୋଗ ବୃଦ୍ଧି ପାଇଁ ନୂତନ ଗନ୍ତବ୍ଯ ନୀତି କାର୍ଯ୍ୟକାରୀ କରିବା, ସମୟ ସମୟରେ ନିର୍ଦ୍ଧାରିତ ନୀତି ଅନୁଯାୟୀ ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା

(ଖ) ନୀତିର ବ୍ୟବସ୍ଥା ଅନୁଯାୟୀ, ହାଇ ପାୱାର କମିଟିକୁ ଉପଲବ୍ଧ ବଜେଟ୍ ଆବଣ୍ଟନ ସହିତ ଯୋଜନାର ପରିଚାଳନା ଏବଂ ଆର୍ଥିକ ଦିଗ ଉପରେ ନିଷ୍ପତ୍ତି ନେବାକୁ କ୍ଷମତା ଦିଆଯାଇଅଛି |

ଆଦେଶ: *ଓଡ଼ିଶା ଗେଜେଟ*ରେ ଅସାଧାରଣ ସଂଖ୍ୟାରେ ଏହି ପ୍ରସ୍ତାବ ପତ୍ର ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଗଲା ଏବଂ ପ୍ରସ୍ତାବ ପତ୍ର ର ନକଲ ସମସ୍ତ ବିଭାଗ, ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଆକାଉଣ୍ଟାଣ୍ଟ ଜେନେରାଲ୍, ଓଡିଶାକୁ ପଠାଯାଉ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଉଷା ପାଢ଼ୀ

ପ୍ରମୁଖ ଶାସନ ସଚିବ

ପରିଶିଷ୍ଟ

ଘରୋଇ ଗନ୍ତବ୍ୟ ସ୍ଥଳ:*

୧. ଦେହରାଦୁନ

୨. ଗୋଆ

୩. ଜାମ୍ମୁ

୪. ଜୟପୁର

୫. ସୂରତ

୬. କୋଚି

୭. ଶିରଡ଼ି

୮. ଅହମଦାବାଦ

ଅନ୍ତର୍ଜାତୀୟ ଗନ୍ତବ୍ୟ ସ୍ଥଳ:

୧. ଆବୁ ଧାବି

୨. ଓମାନ

୩. ବାହରେନ୍

୪. କୁଏତ

*** ଏ ସବୁ ଗନ୍ତବ୍ୟ ସ୍ଥଳ ସୂଚକ ଅଟେ । ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ନୂତନ ଗନ୍ତବ୍ୟ ସ୍ଥଳର ଯୋଗ କରାଯାଇପାରେ ।**

Printed and Published by the Director, Printing, Stationery and Publication, Odisha, Cuttack-10
OGP/SBP Ex.Gaz.1209-173+300